# ସହର ଜନସମୁଦ୍ର


ହକି ବିଶ୍ୱକପ୍ ଟ୍ରଫି ନିକଟରେ ମାସ୍କଟ୍।

## ଦୁଲୁକିଲା ଆଇଜିଆଇଟି କ୍ୟାମ୍ପସ

ପରଜଙ୍ଗ, ୬।୧(ଡି.ଏନ୍.ଏ.)

ପରଜଙ୍ଗ ବ୍ଲକ ସରାଙ୍ଗ ଆଇଜିଆଇଟି କ୍ୟାମ୍ପସ୍ ପରିସରରେ ହକି ବିଶ୍ୱକପ ଟ୍ରଫିକୁ ଭବ୍ୟ ସ୍ୱାଗତ କରାଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଡା. ନୃସିଂହ ଚରଣ ସାହୁ, ସମ୍ମାନିତ ଅତିଥି ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ବିଡିଓ ସଂଗ୍ରାମ କେଶରୀ ଭୋଳ, ତହସିଲଦାର ଖଗେଶ୍ୱର ପାତ୍ର, ଆଇଜିଆଇଟି ନିର୍ଦ୍ଦେଶକ ସତ୍ୟବ୍ରତ ମହନ୍ତ, ଜିଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରାଙ୍କ ସମେତ ବହୁ ଜନପ୍ରତିନିଧି, ଅଞ୍ଚଳବାସୀ ଉପସ୍ଥିତ ଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ପାଇକ ଆଖଡ଼ାରେ କ୍ୟାମ୍ପସ ପରିସର ଦୁଲୁକି ଉଠିଥିଲା। ଥାନାଧିକାରୀ ପ୍ରଶାନ୍ତ ପାତ୍ରଙ୍କ ନେତୃତ୍ୱରେ ପୋଲିସ ମୁତୟନ ହୋଇଥିଲେ।


ଆଇଜିଆଇଟି କ୍ୟାମ୍ପସରେ ଟ୍ରଫି ନିକଟରେ ବିଧାୟକଙ୍କ ସମେତ ଅନ୍ୟମାନେ।


ଢେଙ୍କାନାଳରେ ଟ୍ରଫିକୁ ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ସରୋଜ କୁମାର ସେଠୀ ପ୍ରମୁଖ ସ୍ୱାଗତ କରୁଛନ୍ତି।

ଢେଙ୍କାନାଳ ଅଫିସ, ୬।୧

■ବିଶ୍ୱକପ୍ ହକି ଟ୍ରଫିକୁ ଭବ୍ୟ ସ୍ୱାଗତ
■ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

ହକି ବିଶ୍ୱକପ୍‌କୁ ମଝିରେ ଦିନ କେଇଟା ବାକି। ଏହି ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟକୁ ସ୍ମରଣୀୟ କରିବା ଲାଗି ରାଜ୍ୟ ପରିକ୍ରମାରେ ବାହାରିଥିବାବେଳେ ଟ୍ରଫିକୁ ସବୁଠି ଦିଆଯାଉଛି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା। ହକିର ଅନ୍ୟତମ ଅନ୍ତୁଡ଼ିଶାଳ ଢେଙ୍କାନାଳ ଜିଲା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଗୁରୁବାର ଟ୍ରଫି ପହଞ୍ଚିବାଠାରୁ ଆରମ୍ଭ କରି ଶୁକ୍ରବାର ବିଦାୟ ନେବା ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା ବିପୁଳ ଉତ୍ସାହ ଓ ଉଦ୍ଦୀପନା। ଆଖି ଝଲସାଇ ଦେବା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ, ଭବ୍ୟ ଶୋଭାଯାତ୍ରାରେ ଟ୍ରଫି ନଗର ପରିକ୍ରମା କରିଥିବାବେଳେ ଜନସମୁଦ୍ରରେ ପରିଣତ ହୋଇଥିଲା ସାରା ସହର।

ଢେଙ୍କାନାଳ ସହରରେ ଗୁରୁବାର ସନ୍ଧ୍ୟାରେ ପହଞ୍ଚିଥିବା ବିଶ୍ୱକପ୍ ହକି ଟ୍ରଫି ରାତ୍ରି ରହଣି କରିଥିଲା ସର୍କିଟ ହାଉସ୍‌ରେ। ଶୁକ୍ରବାର ସକାଳ ୭ଟାରେ ପାରମ୍ପରିକ ଲୋକନୃତ୍ୟ, ବାଦ୍ୟର ତାଳେ ତାଳେ ବିଶାଳ ଶୋଭାଯାତ୍ରାରେ ସର୍କିଟ୍ ହାଉସ୍‌ରୁ ବାହାରିଥିବା ଟ୍ରଫି ବସ୍‌ଷ୍ଟାଣ୍ଡ, ଦୁର୍ଗାବଜାର ଛକ, ବଳରାମ ମନ୍ଦିର, ରଥଗଡ଼ା, ଗଣେଶ ବଜାର ଦେଇ ମିନି ଷ୍ଟାଡିୟମ୍‌ରେ ପହଞ୍ଚିଥିଲା। ଏହି ଅବସରରେ ସହରସ୍ଥିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଧାୟକ ସୁଧୀର ସାମଲ, ଜିଲାପାଳ ସରୋଜ ସେଠୀ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣଙ୍କ ସମେତ ବିଭିନ୍ନ କ୍ରୀଡ଼ା ସଙ୍ଗଠନ, ସାଂସ୍କୃତିକ ଅନୁଷ୍ଠାନ, ପ୍ରଶାସନିକ ଅଧିକାରୀ, ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଗଣମାଧ୍ୟମ ପ୍ରତିନିଧି, ଜନପ୍ରତିନିଧିମାନେ ଏଥିରେ ସାମିଲ ହୋଇଥିଲେ। ମିନିଷ୍ଟାଡିୟମ୍‌ରେ ଆୟୋଜିତ ଉତ୍ସବରେ ମଶାଲ, ବିଶ୍ୱକପ୍ ହକିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ହକି ବିଶ୍ୱକପ୍ ଉପଲକ୍ଷେ ଜିଲାରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲାପାଳ ସୂଚନା ଦେଇଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭାରତୀୟ ଦଳର ସଫଳତା ପାଇଁ ସମସ୍ତେ ଶୁଭକାମନା ଜଣାଇଥିଲେ। ଏହାପରେ ଟ୍ରଫି କାମାକ୍ଷାନଗର, ପରଜଙ୍ଗ, କଙ୍କଡ଼ାହାଡ଼ ଦେଇ କେନ୍ଦୁଝର ଅଭିମୁଖେ ଯାଇଥିଲା।


ଢେଙ୍କାନାଳରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ହକିର ସ୍ୱର୍ଣ୍ଣିମ ଦିନ ଫେରିଛି

କାମାକ୍ଷାନଗର, ୬।୧(ଡି.ଏନ୍.ଏ.)

ଢେଙ୍କାନାଳରୁ ବିଦାୟ ନେବା ପରେ ପୂର୍ବାହ୍ନ ୧୧ଟାରେ କାମାକ୍ଷାନଗର ବ୍ଲକ ମହୁଲପାଳ ପଞ୍ଚାୟତ ପଥପ୍ରାନ୍ତ ସୁବିଧା କେନ୍ଦ୍ର ପାଖରେ ପହଞ୍ଚିଥିଲା ଟ୍ରଫି। ସେଠାରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏହାକୁ ସମ୍ବର୍ଦ୍ଧିତ କରିଥିଲେ। ଜଗନ୍ନାଥ ବଜାର ଛକଠାରୁ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏହାକୁ ସ୍ୱାଗତ କରିଥିଲେ। ମନ୍ତ୍ରୀ ନିଜ ଅଭିଭାଷଣରେ କହିଲେ, ହକିର ସ୍ୱର୍ଣ୍ଣିମ ଦିନ ଫେରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ଏହା ସମ୍ଭବ ହୋଇପାରିଛି। ଓଡ଼ିଶା ଏଭଳି ବିଶ୍ୱସ୍ତରୀୟ କ୍ରୀଡ଼ାର ଆୟୋଜନ କରି ଆଗାମୀ ପିଢ଼ି ପାଇଁ ସୁଯୋଗ ସୃଷ୍ଟି କରିଛି। ସମସ୍ତେ ଏହାର ସୁଯୋଗ ନେବାକୁ ମନ୍ତ୍ରୀ ନିବେଦନ କରିଛନ୍ତି। କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଏସ୍‌ଡିପିଓ ରଞ୍ଜନ କୁମାର ଦେ, ବିଡିଓ ବିକାଶ କୁମାର ମହାନ୍ତି, ତହସିଲଦାର ସନ୍ଧ୍ୟାଞ୍ଜଳି ମାଝି, ନିର୍ବାହୀ ଅଧିକାରୀ ଯତିନ୍ଦ୍ର କୁମାର ମିଶ୍ର, ରାଜସ୍ୱ ଅଧିକାରୀ ମଦନମୋହନ ଜେନା, ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ବିଡିଓ କଲ୍ୟାଣ ସୌରଭ ଦାଶ, ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ, ତହସିଲଦାର ରୋଜାଲିନ ନାୟକଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


କାମାକ୍ଷାନଗରରେ ଟ୍ରଫି ନିକଟରେ ମନ୍ତ୍ରୀ, ନଗରପାଳଙ୍କ ସମେତ ଅନ୍ୟମାନେ।


ଢେଙ୍କାନାଳ ମିନିଷ୍ଟାଡିୟମ ମଞ୍ଚରେ ହକି ଥିମ୍‌କୁ ନେଇ କଳାକୌଶଳ ପ୍ରଦର୍ଶନ।


ହକି ଟ୍ରଫିକୁ ସ୍ୱାଗତ କରିବାକୁ ଏକାଠି ହୋଇଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀମାନେ।

# ଭୁବନ, ଖଙ୍କିରାରେ ଖୋଲିଲା ମଣ୍ଡି

ଢେଙ୍କାନାଳ ଅଫିସ/ ଭୁବନ(ଡି.ଏନ୍.ଏ.), ୬।୧

ଢେଙ୍କାନାଳ ଜିଲା ଭୁବନ ସେବା ସମବାୟ ସମିତି ପକ୍ଷରୁ ଶୁକ୍ରବାର ଧାନମଣ୍ଡି ଶୁଭାରମ୍ଭ ହୋଇଛି। ବରିଷ୍ଠ କୃଷକ ନେତା ବାସୁଦେବ ଗୁରୁ, ସୁରେନ୍ଦ୍ର ପୃଷ୍ଟି, ଅଧ୍ୟାପକ ଦିଲୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ମୋଟ ୮୦୪ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୨୩,୫୦୦ରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ କ୍ରୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ପ୍ରଥମ ଦିବସରେ ୧୭ ଚାଷୀଙ୍କଠାରୁ ୫୭୫ କୁଇଣ୍ଟାଲ ୫୦ କିଲୋଗ୍ରାମ ଧାନ କିଣାଯାଇଛି। ଭୁବନ ରାମ ମନ୍ଦିର ପରିସରରେ ଧାର୍ଯ୍ୟ ତାରିଖରେ ମଣ୍ଡି ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ସୋସାଇଟି ସଭାପତି ଶଙ୍କର୍ଷଣ ପୃଷ୍ଟି, ସମ୍ପାଦକ ବିଜୟ ପାତ୍ରଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ଓ କର୍ମଚାରୀମାନେ ପରିଚାଳନା ଦାୟିତ୍ୱରେ ଅଛନ୍ତି।

ସେହିପରି ଗଁଦିଆ ବ୍ଲକ ଖଙ୍କିରା ହନୁମାନ ମନ୍ଦିର ପ୍ରାଙ୍ଗଣରେ ଶକ୍ତି ରଘୁନାଥ ଜୀଉ ସ୍ୱୟଂ ସହାୟକ ସମିତି ସହଯୋଗରେ ମଣ୍ଡି ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଉଦୟନାଥ ମହାପାତ୍ର ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଆଶିଷ ରଞ୍ଜନ ସାହୁ, ତହସିଲଦାର ଭଜନାନନ୍ଦ ସାହୁ, ସରପଞ୍ଚ ରଞ୍ଜୁବାଳା ଦାସ, ସ୍ୱର୍ଣ୍ଣ ହସ୍ପିଟାଲ ପ୍ରତିଷ୍ଠାତା ଏନ୍‌ସି ଧୀର, ଲେଥେକା ସରପଞ୍ଚ ଓମ୍ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ୨୦ଜଣ ଚାଷୀ ଧାନ ବିକ୍ରି କରିଥିଲେ।


ଖଙ୍କିରାରେ ମଣ୍ଡି ଶୁଭାରମ୍ଭ ଅବସରରେ ଅତିଥିମାନେ।

## କବି ହରମୋହନ ଦାସଙ୍କ ଜୟନ୍ତୀ

ଢେଙ୍କାନାଳ ଅଫିସ, ୬।୧

ଢେଙ୍କାନାଳ ଥିଙ୍କର୍ସ ଫୋରମ୍ ପକ୍ଷରୁ ସହରସ୍ଥିତ ଯାଉଁଳି ପୋଖରୀ ମଠ ପାରାୟଣ ମଣ୍ଡପଠାରେ ଶୁକ୍ରବାର କବି ହରମୋହନ ଦାସଙ୍କ ୯୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତଙ୍କ ଆବାହକତ୍ୱ ଏବଂ ସଭାପତି ସୌମେନ୍ଦୁ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କବୟିତ୍ରୀ ନିର୍ମଳା ମହାପାତ୍ର, ମୁଖ୍ୟବକ୍ତା 'ଚରୈବେତୀ'ର ପ୍ରମୁଖ ସୁଶୀଲ ନନ୍ଦ, ସମ୍ମାନିତ ଅତିଥି କବି ଶିଳ୍ପୀ ପରେଶ ପଟ୍ଟନାୟକ, ଗିରୀଶ ଦାସ, ହରମୋହନଙ୍କ ପୁତ୍ର ପଦାରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ରହି ଦିବଂଗତ କବିଙ୍କ ସାହିତ୍ୟିକ ଜୀବନୀ ଉପରେ ଆଲୋକପାତ କରିଥିଲେ। କବି ରବୀନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତା ଏବଂ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ସଂଯୋଜନାରେ ୩୦ଜଣ କବି କବିତା ପାଠ କରିଥିଲେ। ଫୋରମ୍ ସଦସ୍ୟ ବିନୋଦ ମଲ୍ଲିକ, ଅଭିନାଶ ପଟ୍ଟନାୟକ, ବିଶ୍ୱଜିତ ବରାଳ, ବିଭୁ ଦ୍ୱିବେଦୀ, ରାମଚନ୍ଦ୍ର ଦେବତା, ସୁନୀତା ପଟ୍ଟନାୟକ, ସସ୍ମିତା ରାଉତ ପ୍ରମୁଖ ଉପସ୍ଥିତ ଥିବାବେଳେ କୋଷାଧ୍ୟକ୍ଷ ବୈକୁଣ୍ଠନାଥ ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

# ବିବାଦ ପଛରେ ପଥରଖଣି

ଢେଙ୍କାନାଳ ଅଫିସ, ୬।୧

**କ୍ରଶର ମାଲିକଙ୍କୁ ଆକ୍ରମଣ ମାମଲା**
■ପିପିଲିରୁ ଧରାପଡ଼ିଲେ ୫ ଅଭିଯୁକ୍ତ
■କାର୍ତ୍ରିଜ୍, ରକ୍ତଲଗା ଲୁହା ଛଡ଼ ଜବତ

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ନୂଆ ଓଡ଼ାପଡ଼ାର କ୍ରଶର ମାଲିକ ଯୁବରଞ୍ଜନ ପଣ୍ଡା ଓରଫ ରାଜାଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ମାମଲାରେ ପୋଲିସ ୫ ଅଭିଯୁକ୍ତଙ୍କୁ ପିପିଲି ଅଞ୍ଚଳରୁ ଗିରଫ କରିଛି। ସେମାନେ ହେଲେ ପୋଡ଼ାପଡ଼ା ଗ୍ରାମର ମାଷ୍ଟରମାଇଣ୍ଡ୍ ବିବେକାନନ୍ଦ ସାହୁ ଓରଫ ରାଜା (୨୬), ସଦର ଥାନାର ପଞ୍ଚୁପଟି ଗ୍ରାମର ଶୁଭେନ୍ଦ୍ର ପରିଡ଼ା ଓରଫ୍ ଲିପୁ (୩୪), ତରଭା ଗ୍ରାମର ରାଜେନ୍ଦ୍ର ପ୍ରସାଦ ବେହେରା ଓରଫ ରାଜୁ, ତେନ୍ତୁଳିଆପଡ଼ାର ପ୍ରିୟରଞ୍ଜନ ପ୍ରଧାନ ଓରଫ୍ ରାଜା (୩୦), ମୋଟଙ୍ଗା ଥାନା ହିନ୍ଦୋଳ ରୋଡ୍ ବାଛୁରୀବାନ୍ଧ ଅଞ୍ଚଳର ରମାକାନ୍ତ ବେହେରା ଓରଫ ରାମ (୩୦)। ସେମାନଙ୍କ ନିକଟରୁ ଗୋଟିଏ ଖୋଖା, କାର୍ତ୍ରିଜ୍, ନଗଦ ୧୫ ହଜାର ଟଙ୍କା, ୫ ରକ୍ତଲଗା ଲୁହାଛଡ଼, ୧୦ ମୋବାଇଲ ଫୋନ୍ ଜବତ କରାଯାଇଛି। ଏକ ପଥର ଖଣି ନିଲାମକୁ ନେଇ ସୃଷ୍ଟି ହୋଇଥିବା ବ୍ୟବସାୟିକ ଶତ୍ରୁତା ପାଇଁ ଯୁବରଞ୍ଜନଙ୍କ ଉପରେ ଆକ୍ରମଣ କରାଯାଇଥିଲା ବୋଲି ଶୁକ୍ରବାର ଅପରାହ୍ନରେ ଜିଲା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନୂତନ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ପି କହିଛନ୍ତି, ଗତ ୨ ତାରିଖ ରାତି ପ୍ରାୟ ୧୧ଟାରେ ନୂଆ ଓଡ଼ାପଡ଼ା ଗ୍ରାମର କ୍ରଶର ମାଲିକ ସୁବ୍ରତ କୁମାର ନାୟକ ତାଙ୍କ ବ୍ୟବସାୟିକ ସହଯୋଗୀ ଯୁବରଞ୍ଜନଙ୍କ ସହ ଖାଇ ବସିଥିବାବେଳେ ବିବେକାନନ୍ଦଙ୍କ ନେତୃତ୍ୱରେ ୧୦ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ କ୍ରଶରରେ ପଶିଥିଲେ। ଗୁଳି ଫୁଟାଇ ଭୟଭୀତ କରିବା ସହ ଯୁବରଞ୍ଜନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିସହ ୭ଲକ୍ଷ ୪୩ ହଜାର ଟଙ୍କା, ସୁନାଚେନ୍, ୨ଟି ମୋବାଇଲ ଫୋନ୍ ଲୁଟି ନେଇଥିଲେ। ଗୁରୁତର ଅବସ୍ଥାରେ ଯୁବରଞ୍ଜନଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ୩ ତାରିଖରେ ସୁବ୍ରତଙ୍କ ଅଭିଯୋଗକ୍ରମେ ମୋଟଙ୍ଗା ଥାନାରେ ନଂ. ୪/୨୩, ଦଫା ୪୫୭, ୩୯୫, ୩୯୭ ଓ ୨୫ ଏବଂ ୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତମାନେ ପୁରୀରେ ଥିବା ସୂଚନା ପାଇ ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ନେତୃତ୍ୱରେ ମୋଟଙ୍ଗା ଥାନାଧିକାରୀ ନିରଞ୍ଜନ ସେଠୀ ସେମାନଙ୍କୁ ଧରିବା ଲାଗି ଜାଲ ବିଛାଇଥିଲେ। ଅଭିଯୁକ୍ତମାନେ ପୁରୀରୁ ଭୁବନେଶ୍ୱର ଆସୁଥିବା ଜଣାପଡ଼ିବା ପରେ ପିପିଲି ପୋଲିସକୁ ସୂଚନା ଦିଆଯାଇଥିଲା। ପିପିଲି ପୋଲିସ ନାକାବନ୍ଦୀ କରି ଯାଞ୍ଚ କରୁଥିବାବେଳେ ସମ୍ପୃକ୍ତ ୫ ଅଭିଯୁକ୍ତ ଧରାପଡ଼ିଥିଲେ। ମୋଟଙ୍ଗା ପୋଲିସ ପିପିଲି ଥାନାରେ ପହଞ୍ଚି ଅଭିଯୁକ୍ତଙ୍କୁ ହେପାଜତକୁ ନେଇଥିଲା। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, ଭବାନୀ ଶଙ୍କର ଉଦ୍‌ଗାତା ପ୍ରମୁଖ ଉପସ୍ଥିତ ଥିଲେ।

### କୋଡ୍‌ୱାର୍ଡ 'ବଜରଙ୍ଗୀ'

ଯୁବରଞ୍ଜନ ପଣ୍ଡା ଆକ୍ରମଣ ଘଟଣାରେ ଧରାପଡ଼ିଥିବା ଅଭିଯୁକ୍ତମାନେ ପେସାଦାର ଅପରାଧୀ ବୋଲି ପୋଲିସ କହିଛି। ଘଟଣାର ମାଷ୍ଟରମାଇଣ୍ଡ୍ ବିବେକାନନ୍ଦଙ୍କ ନାମରେ ମୋଟଙ୍ଗା ଥାନାରେ ୩ ଅପରାଧିକ ମାମଲା ରହିଛି। ସେହିପରି ରମାକାନ୍ତଙ୍କ ନାମରେ ମୋଟଙ୍ଗା ଓ ବାଲିମୀ ଥାନାରେ ୨ଟି, ଶୁଭେନ୍ଦୁଙ୍କ ନାମରେ ମୋଟଙ୍ଗା ଥାନାରେ ଗୋଟିଏ, ପ୍ରିୟବ୍ରତଙ୍କ ନାମରେ ବାଲିମୀ, ଟାଉନ ଥାନା ଏବଂ ସଦର ଥାନାରେ ୩ଟି ମାମଲା ରହିଛି। ଅଭିଯୁକ୍ତମାନେ ମୋବାଇଲରେ ପରସ୍ପର ସହ ଯୋଗାଯୋଗ କରି ଏକାଠି ହେବାପରେ ଅପରାଧର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିଲେ। ସେମାନେ ଭିନ୍ନ ଭିନ୍ନ ସମୟରେ ଗୋଷ୍ଠୀର ନାମକୁ କୋଡ୍‌ୱାର୍ଡରେ ନାମିତ କରୁଥିଲେ। ଯୁବରଞ୍ଜନଙ୍କୁ ଆକ୍ରମଣ ସମୟରେ ସଙ୍ଗଠନର କୋଡ୍‌ୱାର୍ଡ 'ବଜରଙ୍ଗୀ' ରଖାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରୁଛନ୍ତି (ବାମ)। ଜବତ ଟଙ୍କା ଓ ମୋବାଇଲ।

**ସଂକ୍ଷେପରେ**

## ସମୀକ୍ଷା ପାଇଁ ଆସୁଛନ୍ତି କେନ୍ଦ୍ର ରସାୟନ ମନ୍ତ୍ରୀ

**ତାଳଚେର,୬।୧(ନି.ପ୍ର.):** ଅନୁଗୋଳ ଜିଲା ତାଳଚେରସ୍ଥିତ ଏଫ୍‌ସିଆଇଠାରେ ୧୩ ହଜାର ୫୦୦ କୋଟି ଟଙ୍କାରେ ନିର୍ମାଣ ହେଉଥିବା ତାଳଚେର ଫର୍ଟିଲାଇଜର ଲିମିଟେଡ୍ (ଟିଏଫ୍‌ଏଲ୍)ର କାର୍ଯ୍ୟ ସମୀକ୍ଷା ପାଇଁ ଶନିବାର ଆସୁଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ, ସାର ଓ ରସାୟନ ମନ୍ତ୍ରୀ ମନସୁଖ ମାଣ୍ଡଭିୟେ। ତାଙ୍କ ସହିତ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟୋମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ତାଳଚେର ଗସ୍ତ କରିବେ। ୨୦୧୮ ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ଲାଣ୍ଟର ଶିଳାନ୍ୟାସ କରିଥିଲେ। କରୋନା ପାଇଁ ଏହି ପ୍ଲାଣ୍ଟ କାର୍ଯ୍ୟ ଧିମେଇ ଚାଲିଥିବା ବେଳେ ସମୀକ୍ଷା ପାଇଁ ୭ ତାରିଖରେ ଦୁଇ କେନ୍ଦ୍ରମନ୍ତ୍ରୀ ଏଠାରେ ପହଞ୍ଚିବାର କାର୍ଯ୍ୟସୂଚୀ ରହିଛି। ଏଥିପାଇଁ ଟିଏଫ୍‌ଏଲ୍‌ର ବିଭିନ୍ନ ବିଭାଗୀୟ ଅଧିକାରୀ ଆସି ପହଞ୍ଚି ସାରିଛନ୍ତି। ସେହିପରି ୨ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିବା ନିମନ୍ତେ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦି ସାମଲଙ୍କ ତତ୍ତ୍ୱାବଧାନରେ ଜୋର୍‌ଦାର ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି।

# ୪୩ ବର୍ଷରେ ପାଦ ଦେଲା ନାଲ୍‌କୋ



**ବଁଅରପାଳ, ୬।୧ (ଡି.ଏନ.ଏ.)**

- ପୂର୍ଣ୍ଣ କ୍ଷମତାରେ ଚାଲିଛି ରାଷ୍ଟ୍ରାୟତ୍ତ ଉଦ୍ୟୋଗ
- ଗୋପବନ୍ଧୁ ପାର୍କରେ ୨ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ

ଅନୁଗୋଳ ଜିଲାରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋ ଶନିବାର ପ୍ରତିଷ୍ଠା ଦିବସ ପାଳନ କରିବ। ଚଳିତବର୍ଷ କମ୍ପାନୀ ୪୩ ବର୍ଷରେ ପଦାର୍ପଣ କରୁଛି। ଏହି ପ୍ରତିଷ୍ଠା ଦିବସ ପାଳନ ଅବସରରେ ନାଲ୍‌କୋ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗୋପବନ୍ଧୁ ପାର୍କରେ ୨ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ। ପୂର୍ଣ୍ଣ କ୍ଷମତାରେ ଚାଲୁଥିବା ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଆଲୁମିନିୟମ ଉତ୍ପାଦନ ବୃଦ୍ଧି ପାଇବା ସହ ଚଳିତବର୍ଷ କମ୍ପାନୀ ୨୯ଶହ କୋଟି ଟଙ୍କାର ଲାଭ ଅର୍ଜନ କରିଛି।

ଆଲୁମିନିୟମ ଶିଳ୍ପ କ୍ଷେତ୍ରରେ ନାଲ୍‌କୋ ବେଶ୍ ସୁନାମ ଅର୍ଜନ କରିଛି। ଏଠାରୁ ଉତ୍ପାଦିତ ଆଲୁମିନିୟମର ଚାହିଦା ବିଶ୍ୱ ବଜାରରେ ରହିଛି। ଉତ୍ପାଦନ ପରି ରପ୍ତାନି କ୍ଷେତ୍ରରେ ମଧ୍ୟ କମ୍ପାନୀକୁ ବଡ଼ ସଫଳତା ମିଳିପାରିଛି। ଚଳିତ ଆର୍ଥିକ ବର୍ଷରେ ସ୍ମେଲଟର ଓ ସିପିପିରୁ କାଷ୍ଟ ମେଟାଲ ଏବଂ ହଟ୍ ମେଟାଲ ଧାର୍ଯ୍ୟଲକ୍ଷ୍ୟ ଅନୁଯାୟୀ ଉତ୍ପାଦନ କରାଯାଇଛି। ସ୍ମେଲଟରରେ ଥିବା ସମସ୍ତ ୯୬୦ ପଟ୍ କାର୍ଯ୍ୟକ୍ଷମ ଥିବାବେଳେ ସିପିପିର ୧୦ ୟୁନିଟ୍ ମଧ୍ୟରୁ ୭ଟି ଚାଲୁଛି। ବିଭିନ୍ନ କ୍ଷେତ୍ରରେ ଅର୍ଜନ କରିଥିବା ସଫଳତା ପାଇଁ ସ୍ମେଲଟର ପ୍ଲାଣ୍ଟକୁ କଳିଙ୍ଗ ସୁରକ୍ଷା ପୁରସ୍କାର ଓ ସିପିପିକୁ ଶକ୍ତିର ଉତ୍କୃଷ୍ଟ ଉପଯୋଗୀ ପୁରସ୍କାର ପ୍ରଦାନ କରାଯାଇଛି। ଉତ୍କଳ ଡି କୋଲ୍ ବ୍ଲକ ସହ ନାଲ୍‌କୋର ଲାଇଫ ଲାଇନ କୁହାଯାଉଥିବା ଲିନ୍ସଲରୀ ପ୍ରୋଜେକ୍ଟ ଦ୍ରୁତଗତିରେ ଆଗେଇ ଚାଲିଛି। ସେହିପରି ପ୍ଲାଣ୍ଟ ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ବଣ୍ଟନ ଓ ଉନ୍ନୟନ ଦିଗରେ ସହଯୋଗ କରାଯାଉଥିବା ନାଲ୍‌କୋ ପକ୍ଷରୁ ସୂଚନା ଦିଆଯାଇଛି।

### ସମସ୍ତ ପଟ୍ କାର୍ଯ୍ୟକ୍ଷମ ରହିଛି



ବର୍ତ୍ତମାନ ପୂର୍ଣ୍ଣ କ୍ଷମତାରେ ପ୍ଲାଣ୍ଟ ଚାଲିଛି। ସମସ୍ତ ପଟ୍ କାର୍ଯ୍ୟକ୍ଷମ ଥିବାରୁ ଉତ୍ପାଦନ ବୃଦ୍ଧି ପାଉଛି। ଆଲୁମିନିୟମ ଉତ୍ପାଦନ କ୍ଷେତ୍ରରେ ନାଲ୍‌କୋ ଏକ ସଫଳତାର ନାମ। ଚଳିତବର୍ଷ ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭଲ ଲାଭ ହାସଲ କରିପାରିଛି।

-ଭୀମସେନ ପ୍ରଧାନ, ନିର୍ବାହୀ ନିର୍ଦ୍ଦେଶକ, ନାଲ୍‌କୋ

### ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ହେଉଛି



ନାଲ୍‌କୋ ଏକ ଲାଭଦାୟକ ସଂସ୍ଥା। ସବୁକ୍ଷେତ୍ରରେ ଏହି ଉଦ୍ୟୋଗ ସଫଳତା ହାସଲ କରିଚାଲିଛି। ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ଦିଗରେ ମଧ୍ୟ ନାଲ୍‌କୋ ଧ୍ୟାନ ଦେଉଛି। ଏହି ପ୍ଲାଣ୍ଟ ଅଧିକରୁ ଅଧିକ ଉନ୍ନତି କରୁ।

-ସୁନୀଲ ମହାପାତ୍ର, ଡିଜିଏମ୍, ନାଲ୍‌କୋ

### ନୂତନ ନିଯୁକ୍ତି ଉପରେ ଧ୍ୟାନ ଦିଆଯାଉ



ନବରତ୍ନ ଉଦ୍ୟୋଗ ନାଲ୍‌କୋ ୪୩ ବର୍ଷରେ ପହଞ୍ଚିଥିଲେ ମଧ୍ୟ ସର୍ବାଧିକ ଲାଭ ଓ ଉତ୍ପାଦନରେ ରେକର୍ଡ ହାସଲ କରୁଛି। କିନ୍ତୁ ବର୍ତ୍ତମାନ ବହୁ କର୍ମଚାରୀ ଅବସର ନେଉଥିବାରୁ ନୂତନ ନିଯୁକ୍ତି ଓ ରକ୍ଷଣାବେକ୍ଷଣ ଉପରେ ଧ୍ୟାନ ଦିଆଯିବା ଦରକାର।

-ବିଭବ ଜେନା, ସାଧାରଣ ସମ୍ପାଦକ, ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ

### ଉନ୍ନତି ପାଇଁ ସହଯୋଗ ଲୋଡ଼ା



ନାଲ୍‌କୋ ଯୋଗୁ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ଘଟୁଛି। ବହୁ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ମିଳିଥିବା ବେଳେ ଅନେକେ ପରୋକ୍ଷରେ ରୋଜଗାରକ୍ଷମ ହୋଇପାରିଛନ୍ତି। ତେଣୁ ଅଧିକରୁ ଅଧିକ ସହଯୋଗ ଏହି ପ୍ଲାଣ୍ଟର ବିକାଶକୁ ତ୍ୱରାନ୍ୱିତ କରିପାରିବ।

-ବିନୋଦ ସାମଲ, ସାଧାରଣ ସମ୍ପାଦକ, ଆଲୁମିନିୟମ ମଜଦୁର ସଂଘ

# ତାଳଚେର ଷ୍ଟେଶନକୁ ମଡେଲ ଷ୍ଟେଶନ କରାଯାଉ

**ତାଳଚେର, ୬।୧ (ଡି.ଏନ.ଏ.)**

ତାଳଚେର ଷ୍ଟେଶନକୁ ମଡେଲ ଷ୍ଟେଶନ ଭାବେ ଘୋଷଣା କରିବା ଏବଂ ୫ ଦଫା ଦାବି ନେଇ ତାଳଚେର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଉପଜିଲାପାଳ ବିଶ୍ୱରଞ୍ଜନ ରଥଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, ତାଳଚେର ଷ୍ଟେଶନକୁ ମଡେଲ ଷ୍ଟେଶନ ଭାବେ ଘୋଷଣା କରିବା, ତାଳଚେରରୁ କୋଇଲା ପରିବହନ କରୁଥିବା ରେଳ ୱାଗନ ଗୁଡିକରେ ପରିବେଶ ସୁରକ୍ଷା ଦୃଷ୍ଟିରୁ ପାଲ ଭିଡାଯିବା, ବନ୍ତୋଲ–ଜଗନ୍ନାଥପୁର ମୁଖ୍ୟ ରାସ୍ତାର ବନ୍ତୋଲ ରେଳ ଫାଟକ ଠାରେ ଅଣ୍ଡର ପାସ୍ ନିର୍ମାଣ, ହାଟତୋଟା–ତାଳଚେର ଟାଉନ ମୁଖ୍ୟ ରାସ୍ତାରେ ଅଣ୍ଡର ପାସ୍ ଓ ଘଣ୍ଟପଡା–ହାଣ୍ଡିଧୁଆ ରାସ୍ତାରେ ନିର୍ମାଣାଧୀନ ଓଭରବ୍ରିଜ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଚୈତନ୍ୟ ପ୍ରଧାନ, ଅଭୟ ପାଣି, ରାଜକିଶୋର ସାହୁ, ବୃନ୍ଦାବନ ସାହୁ, ଚିନ୍ତାମଣି ମହାପାତ୍ର, କେଶବ ଭୂତିଆ, ପ୍ରଦୀପ ମହାରଣା, ପଦ୍ମ ଚରଣ ସାମଲ, ଗିରିଶ ଚନ୍ଦ୍ର ସାମଲ, ସୁକାନ୍ତ କୁମାର ଦାସ, ବିଭୂତି ଭୂଷଣ ପଟ୍ଟନାୟକ, ସଞ୍ଜୀବ ନାଏକଙ୍କ ସମେତ ତାଳଚେର ଜିଲା କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।



କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବିଭିନ୍ନ ପ୍ରକଳ୍ପର ଭୂମିପୂଜା

**ବଇଣ୍ଡା,୬।୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଞ୍ଚାୟତରେ ଶୁକ୍ରବାର ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ବିଭିନ୍ନ ପ୍ରକଳ୍ପର ଭୂମିପୂଜା କରିଛନ୍ତି। ଅଠରଫୁଟିଆ ନାଳ ଉପରେ ସେତୁ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହ ଠାକୁରଗଡ଼–କନ୍ତପଡା ରାସ୍ତାର ଉନ୍ନତୀକରଣ ନିମନ୍ତେ ଭିତ୍ତିପ୍ରସ୍ତର, ଠାକୁରଗଡ଼ଠାରେ ମୋ ସେବାକେନ୍ଦ୍ର ଉଦ୍‌ଘାଟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଠାକୁରଗଡ ସରପଞ୍ଚ ଚାରୁଲତା ମିଶ୍ର, ମନୋଜ ରାଉତ, ପ୍ରାଣବନ୍ଧୁ ସାହୁ, ପୂର୍ତ୍ତ ବିଭାଗ ଏସ୍‌ଡିଓ ଫକୀର ସାହୁ, ଜେନାମଣି ସାହୁ, ପବିତ୍ର ମୋହନ ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗଦେଇଥିଲେ।



ଠାକୁରଗଡ଼–କନ୍ତପଡ଼ା ରାସ୍ତା ଉନ୍ନତୀକରଣର ଭୂମିପୂଜା କରାଯାଉଛି।

# ସାତକୋଶିଆରେ କୁମ୍ଭୀର ଗଣନା ଆରମ୍ଭ

**ଅନୁଗୋଳ ଅଫିସ, ୬।୧**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଦେଇ ଯାଇଥିବା ମହାନଦୀରେ କୁମ୍ଭୀର ଗଣନା କାର୍ଯ୍ୟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୨ ଦିନ ଧରି ଏହି ଗଣନା ଚାଲିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ୧୪ଟି ଟିମ୍‌ରେ ଥିବା ୩୩ ସଦସ୍ୟ ଏହି କୁମ୍ଭୀର ଗଣନା କରୁଛନ୍ତି। ମହାନଦୀ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀଙ୍କ ସହ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା, ଏସିଏଫ୍ ଶୁଭେନ୍ଦୁ ବେହେରା, ବନ୍ୟପ୍ରାଣୀ ବିଶେଷଜ୍ଞ ରୁଦ୍ର ନାରାୟଣ ପ୍ରଧାନ, ସ୍ୱତନ୍ତ୍ର ଘଡ଼ିଆଳ ଗବେଷକ କେ. ଖାନ୍ ପ୍ରମୁଖଙ୍କ ସହ ଆଠଗଡ଼, ଆଠମଲ୍ଲିକ, ସାତକୋଶିଆ, ମହାନଦୀ ବନଖଣ୍ଡ ଅଧିକାରୀ ଓ କର୍ମଚାରୀମାନେ ଏଥିରେ ସାମିଲ ହୋଇଛନ୍ତି। ମହାନଦୀ ସହ ଆଖପାଖ ଜଳାଶୟରେ କେତୋଟି କୁମ୍ଭୀର ରହିଛନ୍ତି ତାହାର ଗଣନା କରାଯାଉଛି। ତେବେ ଚଳିତବର୍ଷ କୁମ୍ଭୀର ସଂଖ୍ୟା ବୃଦ୍ଧି ହୋଇଥିବା ବନ ବିଭାଗ ପୂର୍ବାନୁମାନ କରିଛି। ୨୦୨୨ରେ ଗଣନା ହୋଇଥିବା ୭୭ଟି କୁମ୍ଭୀର ମଧ୍ୟରୁ ୬୧ଟି ମଗର ଓ ୫ଟି ଘଡ଼ିଆଳ ମହାନଦୀରୁ ଠାବ ହୋଇଥିବା ବେଳେ ବିଭିନ୍ନ ଜଳାଶୟରେ ୧୧ଟି କୁମ୍ଭୀର ଥିବା ଗଣନା କରାଯାଇଥିଲା। ଗଠନ ହୋଇଥିବା ଟିମ୍ ଟିକରପଡ଼ାରୁ ବିନିକେଇ, ବିନିକେଇରୁ ପତାକା, ମରଡ଼ାରରୁ ଶୀତଳପାଣି, ଶୀତଳପାଣିରୁ ହରଭଙ୍ଗା, ଟିକରପଡ଼ାରୁ କଟରଙ୍ଗଘାଟ, କଟରଙ୍ଗଘାଟରୁ ବାଲିପୁଟ ଓ ମରଡ଼ାରୁ କୁଟୁରୀ ପର୍ଯ୍ୟନ୍ତ ବୁଲି ଏହି ଗଣନା କରୁଛନ୍ତି। ଏହାର ରିପୋର୍ଟ ଆସନ୍ତା ୧୦ ତାରିଖରେ ଦିଆଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି।



ମହାନଦୀରେ କୁମ୍ଭୀର ଗଣନା କରାଯାଉଛି।

# ଆମ୍ବମୁଣ୍ଡା କପ୍ ଉଦ୍‌ଘାଟିତ

**ବଇଣ୍ଡା,୬।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ କଟରଙ୍ଗା ଗ୍ରାମ ଖେଳ ପଡିଆଠାରେ ଶୁକ୍ରବାର ଆମ୍ବମୁଣ୍ଡା କପ୍ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷକ ଅରୁଣ କୁମାର ବାଘ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଗ୍ରାମ ସଭାପତି ପୀତାମ୍ବର ସାହୁ, ସୁରେଶ ସାହୁ ଯୋଗଦେଇଥିଲେ। ପ୍ରଥମ ଦିନରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ପାଇକସାହି କ୍ଲବ ଏବଂ ନତଡା କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏଥିରେ ନତଡା ବିଜୟୀ ହୋଇଥିଲା। ସେହିପରି ୨ୟ ମ୍ୟାଚ୍ ଗଦାଧରପୁର ଏବଂ ଉଙ୍ଗିଆଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଦାଧରପୁର ବିଜୟୀ ହୋଇଥିଲା। ରିପନ ସାହୁ, ମନୋଜ ପ୍ରଧାନ ପରିଚାଳନା କରିଥିଲେ।



# ଯୁବ ରେଡ୍‌କ୍ରସ୍ ଶିବିର ଉଦ୍‌ଘାଟିତ

**ତାଳଚେର, ୬।୧ (ନି.ପ୍ର.)**

ତାଳଚେରସ୍ଥିତ ଗଡଜାତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩ ଦିନିଆ ଜିଲା ଯୁବ ରେଡ୍‌କ୍ରସ୍ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଜିଲାର ୪୦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ, କାଉନସିଲର ଏଥିରେ ଯୋଗ ଦେଇଛନ୍ତି। ମୁଖ୍ୟଅତିଥି ଭାବେ ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରେଡକ୍ରସ୍‌ର ଜିଲା ସଂଯୋଜକ ପ୍ରଧାପକ ସରୋଜ କୁମାର ପ୍ରଧାନ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ନରେନ୍ଦ୍ର ପାଇକରାୟ ସଭାପତିତ୍ୱ କରିଥିଲେ। ଅନୁଗୋଳ ସ୍ୱୟଂଶାସିତ କଲେଜ ପ୍ରଧାପକ ଡ. ଶାଶ୍ୱତ ଶୁଭଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ସଭା ପରେ ପ୍ରଶିକ୍ଷକ ପ୍ରବୀର କୁମାର ଦାସ, ଡ. ଓ୍ୱାନ୍ ବେହେରାଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।



ଯୁବ ରେଡକ୍ରସ୍ ଶିବିର ଉଦ୍‌ଘାଟନୀ ଅବସରରେ ଅତିଥି ଓ ଅନ୍ୟମାନେ।

# କାର୍ଯ୍ୟ ତଦାରଖ କଲେ ମିଶନଶକ୍ତି ଉପଦେଷ୍ଟା

**ଛେଣ୍ଡିପଦା,୬।୧(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ରାଜ୍ୟ ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର। ଶୁକ୍ରବାର ମିଶନ ଶକ୍ତି ଉପଦେଷ୍ଟା ଛେଣ୍ଡିପଦା ବ୍ଲକ ଗସ୍ତରେ ଯାଇ ଏହି ସମୀକ୍ଷା କରିବା ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମେ ସେ ନିଶା ପଞ୍ଚାୟତରେ ପହଞ୍ଚି ମିଶନ ଶକ୍ତିର ନୂତନ ଗୃହ ପରିଦର୍ଶନ କରିଥିଲେ। ଏହାପରେ କୋଶଳା ପଞ୍ଚାୟତ ଗସ୍ତକରି ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ହେଉଥିବା ଟେରାକୋଟା କାର୍ଯ୍ୟ ଦେଖିବା ସହ ଏହାକୁ ଆହୁରି ଆଗେଇ ନେବାକୁ ପରାମର୍ଶ ଦେଇଥିଲେ। ପରେ କୋଶଳା ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଗାଈ ଚାଷ ଏବଂ ଜିଆ ଦ୍ୱାରା ଉତ୍ପାଦିତ ଜୈବିକ ଖତ ଉପରେ ଦିଆଯାଉଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଲି ଦେଖିଥିଲେ। ଏହାପରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ନିର୍ମାଣାଧୀନ ମିଶନଶକ୍ତି ଗୃହ, ମିଶନ ଶକ୍ତି କାଫେ ପରିଦର୍ଶନ କରିଥିଲେ। ବିଏଲ୍‌ଏଫ୍‌ର କେତେଜଣ ସଦସ୍ୟାଙ୍କ ଅଭିଯୋଗ ଶୁଣି ସମାଧାନ ନିମନ୍ତେ ଛେଣ୍ଡିପଦା ମିଶନ ଶକ୍ତିର ବିପିସି ତପନ କୁମାର ମହାନ୍ତି ଏବଂ ଜିଲା ମିଶନ ଶକ୍ତିର ଡିପିସି ବସନ୍ତ ମଲ୍ଲିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମିଶନ ଶକ୍ତିର ଉପଦେଷ୍ଟାଙ୍କ ସହ ରାଜ୍ୟ ମିଶନ ଶକ୍ତିର ରାଜ୍ୟ ପଦାଧିକାରୀ ସୁଜିତ ଲାଲା, ବିଡିଓ ତ୍ରିବିକ୍ରମ କୁମୁରା, ବ୍ଲକ ଅଧୀକ୍ଷଣ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ, ଅନୁଗୋଳ ଜିଲା ମିଶନ ଶକ୍ତି ଡିପିଏମ ଚନ୍ଦନ କୁମାର ବେହେରା, ଡିପିସି ବସନ୍ତ କୁମାର ମଲ୍ଲିକ, ଡିଏସ୍‌ଡବ୍ଲ୍ୟୁ କରନ ମୁର୍ମୁ, ସିଡିପିଓ ସୁଶୀଳା କମୋଲିନା, ବିପିଏମ ପ୍ରମୋଦ କୁମାର ବେହେରା, ବିପିସି ତପନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ମିଶନ ଶକ୍ତି ଉପଦେଷ୍ଟାଙ୍କ ସହିତ ଅନ୍ୟ ଅଧିକାରୀମାନେ।

# ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା

**କଣିହାଁ,୬।୧(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ପବିତ୍ରମୋହନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ହକି ବିଶ୍ୱକପ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ରମାଗତ ଭାବେ ଓଡ଼ିଶା ଦ୍ୱିତୀୟ ଥର ପାଇଁ ହକି ବିଶ୍ୱକପ ଆୟୋଜନ କରିବାର ଗୌରବ ଲାଭ କରିଛି। ହକି ବିଶ୍ୱକପର ପ୍ରଚାର ପ୍ରସାର ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ଦିହୁଡ଼ିଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ସମଗ୍ର ପ୍ରକଳ୍ପ ଅଞ୍ଚଳ ପରିକ୍ରମା କରି ମହାବିଦ୍ୟାଳୟଠାରେ ପହଞ୍ଚିଥିଲେ। ଅଧ୍ୟାପକ ବିଷ୍ଣୁଚରଣ ପ୍ରାଧନଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ପରିସରରେ ହକି ବିଶ୍ୱକପ୍ ସମ୍ବନ୍ଧିତ ରଙ୍ଗୋଲି ଅଙ୍କନ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଏଥିରେ ସହଯୋଗ କରିଥିଲେ।



ବିଶ୍ୱକପ ପାଇଁ ସଚେତନତା ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ।

# ମଶାଲ ଶୋଭାଯାତ୍ରା ପ୍ରସ୍ତୁତି

**ଅନୁଗୋଳ ଅଫିସ, ୬।୧**

ଅନୁଗୋଳ ମହୋତ୍ସବ ଅବସରରେ ମଶାଲ ଶୋଭାଯାତ୍ରା, ଅନୁଗୋଳ ଗୌରବ, କବିତା ପାଠୋତ୍ସବ ଓ ସ୍ମରଣିକା ପ୍ରକାଶନ ପାଇଁ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ତାଙ୍କ ପ୍ରକୋଷ୍ଠରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୦ ତାରିଖରେ ପାଲଲହଡ଼ାର ଖୁଲୁଡ଼ି ଶୈବ ପୀଠ, ଆଠମଲ୍ଲିକର ଦେଉଳଝରୀ, ଟିକରପଡ଼ାର ଶିବମନ୍ଦିର, ଛେଣ୍ଡିପଦାର ବାୟାଣୀ ପୀଠ ଓ ପରୁଣାଗଡ଼ ଜଗନ୍ନାଥ ମନ୍ଦିରରୁ ମଶାଲ ଆସି ବିଭିନ୍ନ ବ୍ଲକ ପରିକ୍ରମା କରି ସେହିଦିନ ତାଳଚେର ମା' ହିଙ୍ଗୁଳାଙ୍କ ପୀଠରେ ଏକତ୍ରିତ ହୋଇ ଶୈଳଶ୍ରୀକ୍ଷେତ୍ର ମନ୍ଦିରଠାରେ ସ୍ଥାପିତ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି। ସେହିଭଳି ୨୧ ତାରିଖରେ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। କ୍ରୀଡ଼ା, ସଂସ୍କୃତି ଓ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୩ ଜଣଙ୍କୁ ଅନୁଗୋଳ ଗୌରବ ସମ୍ମାନରେ ସମ୍ମାନିତ କରାଯିବ। ଏହି ବୈଠକରେ ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଜିଲାପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ଧରଣୀଧର ନାଥ, ଅବସରପ୍ରାପ୍ତ ପ୍ରଫେସର ଶାନ୍ତନୁ କୁମାର ସର, କଳାକାର ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ, ସାହିତ୍ୟ ସଂସଦ ସଭାପତି ରାଧାକାନ୍ତ ମହାନ୍ତି, ନୃତ୍ୟ ନୀଳୟର ସମ୍ପାଦିକା ସ୍ୱପ୍ନାରାଣୀ ସିହ୍ନା, ପଦ୍ମଚରଣ ପ୍ରଧାନଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

# ପରେଡ୍‌ରେ ସାମିଲ ହେବ ୮ ପ୍ରଜ୍ଞାପନ ମେଢ଼

## ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ

**ଅନୁଗୋଳ ଅଫିସ, ୬।୧**

୭୪ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ ବିବରଣୀ ପାଠ କରିଥିଲେ। ସକାଳ ୬ଟା ୩୦ରୁ ୭ଟା ମଧ୍ୟରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରି କରାଯିବ। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ରାମଧୁନ ଗାନ କରାଯାଇ ସହର ପରିକ୍ରମା କରାଯିବ। ଏହାବ୍ୟତୀତ ବିଭିନ୍ନ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ଆନୁଷ୍ଠାନିକ ପରେଡ ମାର୍ଚ୍ଚ ପାଷ୍ଟ ପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନିର୍ଦ୍ଧାରିତ ସମୟ ସକାଳେ ୯ଟା ୧୫ରେ ଅନୁଗୋଳ ଷ୍ଟାଡିୟମ ଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସରକାରଙ୍କ ବିଭିନ୍ନ ବିଭାଗ ଓ ରାଷ୍ଟ୍ରାୟତ୍ତ ସଂସ୍ଥା ପକ୍ଷରୁ ନିର୍ମାଣ ୮ ପ୍ରଜ୍ଞାପନ ମେଢ଼ ପରେଡ୍‌ରେ ସାମିଲ ହେବ ବୋଲି ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରକାଶ କରିଥିଲେ। ସାଧାରଣତନ୍ତ୍ର ଦିବସ ପୂର୍ବରୁ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ଦେଶାତ୍ମବୋଧକ କଣ୍ଠ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେବ। ୨୨ ଓ ୨୩ ତାରିଖରେ ପିଟିସି ପଡ଼ିଆରେ ପରେଡ ଅଭ୍ୟାସ ହେବାକୁ ଥିବାବେଳେ ୨୪ ତାରିଖରେ ଷ୍ଟାଡିୟମ୍ ଠାରେ ସକାଳ ୮ଟାରେ ଅଭ୍ୟାସ କରାଯିବ। ରକ୍ତଦାନ ଶିବିର, ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯିବ। ବୈଠକରେ ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ସିଡିଏମ୍‌ଓ ଡାକ୍ତର ତ୍ରିଲୋଚନ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ସାମାଜିକକର୍ମୀ, ବୁଦ୍ଧିଜୀବୀ ଓ ଖବରଦାତାମାନେ ଉପସ୍ଥିତ ଥିଲେ।




ବୈଠକରେ ପ୍ରଶାସନିକ ଅଧିକାରୀମାନେ ମଞ୍ଚାସୀନ ଅଛନ୍ତି।

### ଦାୟିତ୍ୱ ପ୍ରଦାନ ନେଇ ଅଡୁଆ ସ୍ଥିତି

ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକରେ ବହୁ ଅଧିକାରୀଙ୍କୁ ଦେଖିବାକୁ ମିଳି ନ ଥିଲା। ପୂର୍ତ୍ତ ବିଭାଗ, ପୌରପାଳିକା, ପିଏଚଡି, କୃଷି, ଉଦ୍ୟାନ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର କୌଣସି ଅଧିକାରୀ, କର୍ମଚାରୀ ଆସି ନ ଥିଲେ। ଏକାଧିକ ଶିଳ୍ପ ସଂସ୍ଥାର ପ୍ରତିନିଧି ମଧ୍ୟ ଯୋଗଦେଇ ନ ଥିଲେ। ଫଳରେ କାହାକୁ କେଉଁ ଦାୟିତ୍ୱ ପ୍ରଦାନ କରାଯିବ, ସେ ନେଇ ବୈଠକରେ ଏକ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିଲା।

